**OFFICE OF THE MUNICIPAL COUNCIL, BALASORE.**

BALASORE, (ODISHA), PIN-756003
Tel. No. 06782-251267(O)
e-mail-balasoremunicipality @ rediffmail.com

**No.** 398 / **Dated** 24/1/25

**To**

**The District E-Governance Manager,**
**Balasore.**

**Sub: Uploading of Auction Call Notice No.310/ Dt.18.01.2025 in the Official website (http://balasore.odisha.gov.in) of Balasore District for wide publication---------- Regarding.**

Sir,

With due reference to the subject cited above, it is to say that the **Auction Call Notice No.310 Dt.18.01.2025** of Municipal Sairat containing 02 (two) Nos of pages may be uploaded in the Official **website (http://balasore.odisha.gov.in)** of Balasore District for wide publication consisting of the matter enclosed in a separate sheet upto Dated: 29.01.2025 timing 05:00 PM

This is for your kind information and necessary at your end.

Encloser: Copy of the notice is enclosed herewith.

Your faithfully,

24/1/25

Executive Officer,
Balasore Municipality

## ବାଲେଶ୍ୱର ପୌରପରିଷଦ,ବାଲେଶ୍ୱର

ସଂଖ୍ୟା 310 ତାରିଖ 18/1/25

ଏତତ ଦ୍ୱାରା ସର୍ବ ସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ବାଲେଶ୍ୱର ପୌରପାଳିକା ଅଧୀନରେ ଥିବା ନିମ୍ନୋକ୍ତ ଉତ୍ସଗୁଡ଼ିକ ପାର୍ଶ୍ୱରେ ଦର୍ଶାଯାଇଥିବା ଆଗାମୀ ସମୟ ୩ ବର୍ଷ ନିମନ୍ତେ ଉଦିଷ୍ଟ ସର୍ତ୍ତାବଳୀ ଅନୁସାରେ ନିଲାମ ଦିଆଯିବ । ଏଥି ନିମନ୍ତେ ଇଚ୍ଛୁକ ବ୍ୟକ୍ତି / ସଂସ୍ଥା ତା **୨୧.୦୧.୨୦୨୫ ରିଖ ଠାରୁ ୨୯.୦୧.୨୦୨୫ ରିଖ** ମଧ୍ୟରେ ପୌରପାଳିକା କାର୍ଯ୍ୟାଳୟରୁ ନିର୍ଦ୍ଧାରିତ ଫର୍ମ କ୍ରୟ କରି ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଟେଣ୍ଡର ଆବେଦନ ଦାଖଲ କରିବେ । ଉପରୋକ୍ତ ଟେଣ୍ଡର **ତା. ୩୦.୦୧.୨୦୨୫ ରିଖ ଅପରାହ୍ନ ୧୨.୦୦** ଘଟିକା ସମୟରେ ପୌରପାଳିକା ଟେଣ୍ଡର କମିଟି ସମ୍ମୁଖରେ ଖୋଲାଯିବ । ପ୍ରତ୍ୟେକ ଉତ୍ସଗୁଡ଼ିକର ନାମ ପୌର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ ପାଇବ । ଟେଣ୍ଡର ଖୋଲାଯିବା ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ରହିପାରିବେ ଯଦି କୌଣସି ଟେଣ୍ଡର ଦାତା କିମ୍ବା ପ୍ରାଧିକୃତ ବ୍ୟକ୍ତି ଉପସ୍ଥିତ ନ ଥିବେ ତେବେ ମଧ୍ୟାହ୍ନ ଉପୋରୋକ୍ତ ଟେଣ୍ଡର ନିର୍ଦ୍ଧାରିତ ସମୟରେ ଖୋଲାଯିବାର ବ୍ୟବସ୍ଥା ରଖାଯାଇଛି।

| କ୍ର. ସଂଖ୍ୟା | ଉତ୍ସ ଗୁଡ଼ିକର ନାମ | ସମୟ ଅବଧି | ବାର୍ଷିକ ସର୍ବନିମ୍ନ ମୂଲ୍ୟ ଟଙ୍କା ରେ (including ୧୮ % GST ) | ଟେଣ୍ଡର ଦାତାଙ୍କ ସର୍ବୋଚ୍ଚ ମୂଲ୍ୟ |
|---|---|---|---|---|
| ୧ | ଗଙ୍ଗାଧର କଲ୍ୟାଣମଣ୍ଡପ, (ୱାର୍ଡ ନଂ ୨୬) | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୫,୦୦,୦୦୦/- | |
| ୨ | ବାରବାଟୀ କଲ୍ୟାଣମଣ୍ଡପ, (ୱାର୍ଡ ନଂ ୨୫) | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୭,୦୦,୦୦୦/- | |
| ୩ | ଶାନ୍ତିକାନନ ହତା ମଧ୍ୟରେ ଥିବା ନଡ଼ିଆ ଗଛର ଫଳ , ଗୋପବନ୍ଧୁ ପାର୍କ ହତା ମଧ୍ୟରେ ଥିବା ନଡ଼ିଆ ଗଛର ଫଳ, ପୌରପାଳିକା ହତା ମଧ୍ୟରେ ଥିବା ନଡ଼ିଆ ଗଛର ଫଳ | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୩୦,୦୦୦/- | |
| ୪ | ହରଚନ ପୋଖରୀ (ୱାର୍ଡ ନଂ ୦୫) | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୩୦,୦୦୦/- | |
| ୫ | ହରଗଙ୍ଗା ପୋଖରୀ (ୱାର୍ଡ ନଂ ୦୮) | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୭୦,୦୦୦/- | |
| ୬ | ଗଡଗଡିଆ ପୋଖରୀ (ୱାର୍ଡ ନଂ ୧୩) | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୫୦,୦୦୦/- | |
| ୭ | ଚନ୍ଦରାଗଡି ପୋଖରୀ (ୱାର୍ଡ ନଂ ୧୫) | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୫୦,୦୦୦/- | |
| ୮ | ଶାନ୍ତିକାନନ ପୋଖରୀ (ୱାର୍ଡ ନଂ 15) | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୩୦,୦୦୦/- | |
| ୯ | ନୂଆ ପୋଖରୀ ଆଡି (ୱାର୍ଡ ନଂ ୧୬) | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୫୦,୦୦୦/- | |
| ୧୦ | ସୋଭାରାମପୁର ପୋଖରୀ (ୱାର୍ଡ ନଂ ୨୦) | ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ | ଟ ୩୦,୦୦୦/- | |

# ସର୍ତ୍ତାବଳୀ (ପୋଖରୀ/ କଲ୍ୟାଣ ମଣ୍ଡପ/ ନଡିଆ ଗଛ ନିମନ୍ତେ)

## COMPULSORY DOCUMENT FOR ALL

୧- ପୋଖରୀ ପାଇଁ ୫୦୦/- ଟଙ୍କା ,ନଡିଆ ଗଛ ପାଇଁ ୫୦୦/- କଲ୍ୟାଣ ମଣ୍ଡପ ପାଇଁ ୧୦୦୦/- ଟଙ୍କା ଆବେଦନ କରିବାକୁ ଚାହୁଁଥିବା ବ୍ୟକ୍ତି ପୌରପାଳିକାରୁ ନିର୍ଦ୍ଧାରିତ ଦିନ ମଧ୍ୟରେ ଟଙ୍କା ଜମା କରି ଫର୍ମ ନେଇ ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଆବେଦନ କରିପାରିବେ ।

୨- ଉପରୋକ୍ତ ଉସ୍ଵ ଗୁଡ଼ିକର ଆଗାମୀ ସମୟ ସୀମା ନିମନ୍ତେ ପଟ୍ଟାଧାରୀ ପାଇଁ ଇଚ୍ଛୁକ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କରି ସମ ପରିମାଣରେ ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଟେଣ୍ଡର କାଗଜ ଆଦି ସହ ଦାଖଲ କରିବା ହେବେ । ନଚେତ ତାଙ୍କର ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ ।

୩- ପୌରପାଳିକାର ପୂର୍ବରୁ ପଟ୍ଟାଧାରୀ ନେଇଥିବା ବ୍ୟକ୍ତି /ସଂସ୍ଥା ଯଦି ପୂର୍ବ ନିଲାମର ରାଶି ପଇଠ କରିଥିବାର ଅବହେଳା କରିଥିବେ ତେବେ ସେହି ବ୍ୟକ୍ତି /ସଂସ୍ଥା ଉକ୍ତ ନିଲାମରେ ଭାଗ ନେଇପାରିବେ ନାହିଁ ।

୪- ଆଗ୍ରହୀ ଟେଣ୍ଡରଦାତାମାନେ ସେମାନଙ୍କର ସର୍ବୋଚ୍ଚ ମୂଲ୍ୟ ଲିପିବଦ୍ଧ କାଗଜାତ ଓ ସମପରିମାଣର ଜମା ଏକକାଳୀନ ଭାବେ ବ୍ୟାଙ୍କ ଡ୍ରାଫ୍ଟ ସହ ରେଜିଷ୍ଟ୍ରି ଡାକ / ସ୍ପୀଡ ପୋଷ୍ଟ କିମ୍ବା ପୌରପାଳିକା ଥିବା ଟେଣ୍ଡର ବାକ୍ସରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପହଞ୍ଚାଇବା ହେବେ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଟେଣ୍ଡର ଗ୍ରହଣ ଯୋଗ୍ୟ ହେବ ନାହିଁ । ଡାକ ଯୋଗେ ବିଳମ୍ବ ପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୫- ଟେଣ୍ଡର ଲଫାପା ଉପରେ ଟେଣ୍ଡରଦାତା ମାନେ ଯେଉଁ ଉସ୍ଵ ପାଇଁ ଆବେଦନ କରିଥିବେ ତାହା ଉଲ୍ଲିଖିତ କରିବା ହେବେ । ପ୍ରତ୍ୟେକ ଉସ୍ଵ ପାଇଁ ପୃଥକ କାଗଜାତ ଓ ଲଫାପା ବ୍ୟବହାର କରିବା ହେବେ । ନଚେତ ଦରଖାସ୍ତ ଖାରଜ କରାଯିବ ।

୬- ଅସଫଳ ଟେଣ୍ଡରଦାତା ମାନଙ୍କ ଦ୍ୱାରା ପ୍ରଦତ୍ତ ବ୍ୟାଙ୍କ ଡ୍ରାଫ୍ଟ ପୌର ପାଣ୍ଠିରେ ଜମା ପୂର୍ବକ ସମପରିମାଣରେ ଅର୍ଥ ଜମାକାରୀଙ୍କୁ ଚେକ ମାଧ୍ୟମରେ ଫେରସ୍ତ କରାଯିବ । ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ସର୍ବୋଚ୍ଚ ମୂଲ୍ୟ ଦାଖଲ କରିଥିବା ବ୍ୟକ୍ତି /ସଂସ୍ଥା କୁ ଆଗାମୀ ଆର୍ଥିକ ବର୍ଷ ୦୧.୦୨.୨୦୨୫ ରୁ ୩୧.୦୩.୨୦୨୮ ନିମନ୍ତେ ପଟ୍ଟାଧାରୀ ଦିଆଯିବାକୁ ବିଚାର କରାଯାଇପାରେ ।

୭- ସର୍ବୋଚ୍ଚ ଟେଣ୍ଡରଦାତା ପଟ୍ଟାଧାରୀ ପାଇବାର ଭାରତ ସରକାର କିମ୍ବା ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଣିତ ନିୟମାବଳୀକୁ ସମୁଚିତ ଭାବରେ ପାଳନ କରିବା ହେବେ । ଯଦି ପୌର କର୍ତ୍ତୃପକ୍ଷଙ୍କ ଦ୍ୱାରା ଉକ୍ତ ପଟ୍ଟାଧାରୀ ଉସ୍ଵର ଆବଶ୍ୟକତା ଉପଲବ୍ଧ ହୁଏ ସର୍ବୋଚ୍ଚ ନିଲାମଧାରୀ ଙ୍କ ଦ୍ୱାରା ପ୍ରଦତ୍ତ ଅର୍ଥ ରାଶିକୁ ବିନା ସୁଧରେ ଫେରସ୍ତ କରାଯାଇ ଉସ୍ଵଟିକୁ ପୌରପାଳିକା କର୍ତ୍ତୃତ୍ୱାଧୀନ କରାଯିବ ।

୮- କୌଣସି ପରିସ୍ଥିତିରେ ସର୍ବୋଚ୍ଚ ନିଲାମ ଟେଣ୍ଡର ପୌରପାଳିକା ତରଫରୁ ଧାର୍ଯ୍ୟ ହୋଇଥିବା ସର୍ବନିମ୍ନ ମୂଲ୍ୟ ଠାରୁ କମ ଗ୍ରହଣ ଯୋଗ୍ୟ ହେବ ନାହିଁ

୯- ସର୍ବୋଚ୍ଚ ଟେଣ୍ଡର ମୂଲ୍ୟ କୁ ଗ୍ରହଣ କରିବା ପାଇଁ ପୌର କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । କୌଣସି କାରଣ ନ ଦର୍ଶାଇ ଯେ କୌଣସି ଟେଣ୍ଡର କିମ୍ବା ସମସ୍ତ ଟେଣ୍ଡର କୁ ରଦ୍ଦ କରିବାରେ କ୍ଷମତା ପୌର କର୍ତ୍ତୃପକ୍ଷଙ୍କ ଠାରେ ରଖାଯାଇଛି । ଏଥିନିମନ୍ତେ କୌଣସି କୈଫିୟତ ପ୍ରଦାନ କରିବାପାଇଁ ପୌର କର୍ତ୍ତୃପକ୍ଷ ଦାୟୀ ନୁହନ୍ତି ।

୧୦. ଉକ୍ତ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି ଆବେଦନ ଫର୍ମ କ୍ରୟ କରିବା ସମୟରେ ସେମାନେ ସେମାନଙ୍କର ଗୃହ ଚଳିତ ବର୍ଷର ଟିକସ ରସିଦ ପଇଠ କରିବା ହେବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକ

ପରିପତ୍ର ସଂଖ୍ୟା 311 ତା 18/1/25 ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ /ଉପ – ଜିଲ୍ଲାପାଳ, ବାଲେଶ୍ୱର/ ତହସିଲଦାର,ବାଲେଶ୍ୱର/ ସବ- ରେଜିଷ୍ଟ୍ରାର, ବାଲେଶ୍ୱର /ନିର୍ବାହୀ ଯନ୍ତ୍ରୀ,ପୂର୍ତ୍ତ ବିଭାଗ,ବାଲେଶ୍ୱର /ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ,ବାଲେଶ୍ୱର/ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ /ବ୍ଲକ ଉନ୍ନୟନ ଅଧିକାରୀ, ସଦର, ବାଲେଶ୍ୱର/ଆଞ୍ଚଳିକ ପରିବହନ ଅଧିକାରୀ ,ବାଲେଶ୍ୱର/ଜିଲ୍ଲା ନିୟୋଜିତ ଅଧିକାରୀ,ବାଲେଶ୍ୱର/ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ବାଲେଶ୍ୱର /ଆରକ୍ଷୀ ଅଧିକ୍ଷକ,ବାଲେଶ୍ୱର ଙ୍କ ବିହୀତ ଅବଗତି ନିମନ୍ତେ ଜଣାଇ ଦିଆଯାଇ ଅନୁରୋଧ କରାଗଲା ଯେ ସେମାନେ ଉକ୍ତ ବିଜ୍ଞାପନ କୁ ନୋଟିସ ବୋର୍ଡ ରେ ପ୍ରଦର୍ଶନ କରାଇବା ହେବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବାଲେଶ୍ୱର ପୌରପାଳିକା